ଅସ୍ୱୀକାର ଆଉ କରାଯାଇ ନପାରେ ।

(ଦୁଇ)

ବିନୋଦଙ୍କ କାବ୍ୟକ୍ରୀଡ଼ା ବହୁ ଶାସ୍ତ୍ରଦର୍ଶୀ ଓ ବହୁଧାବୋଧନ ପ୍ରକ୍ରିୟାର ପରିଣିତି – ଏଥିରେ ଆଉ ବିବଦମାନ ସିଦ୍ଧାନ୍ତ ନିଆଯାଇ ନ ପାରେ । ଓଡ଼ିଆ, ସଂସ୍କୃତ, ଇଂରାଜୀ, ଅଷ୍ଟ୍ରିକ୍, ହିନ୍ଦୀ, ବଙ୍ଗଳା, ଫ୍ରେଞ୍ଚ, ଉର୍ଦ୍ଦୁ ଓ ଓଡ଼ିଶାର ଅନ୍ୟ ପଡ଼ୋଶୀ ଭାଷିକ ବ୍ୟବସ୍ଥା ସମ୍ବନ୍ଧରେ ତାଙ୍କର ବହୁଭାଷୀ ବ୍ୟୁତ୍ପତ୍ତି ରହିଛି । କବିତାର ପରିଭାଷା, ହେତୁ, ରଚନାଉଦ୍ଦେଶ୍ୟ, ସଂରଚନାତ୍ମକ ବୈବିଧ୍ୟ, ପ୍ରଜାତିକ ସୌକର୍ଯ୍ୟ, ବିଶ୍ଳାୟନୀ ସଂଚାର, ଭାବଗତ ସୌନ୍ଦର୍ଯ୍ୟ, ସମାଜସାପେକ୍ଷ-ନିରପେକ୍ଷ ସ୍ଥିତି ଓ ଆବେଦନାତ୍ମକ ବୈଚିତ୍ର ଆଦି ସମ୍ପର୍କରେ ତାଙ୍କର ବହୁପାଠୀ ଶାସ୍ତ୍ରୀୟତାର ପ୍ରଗାଢ଼ ତଥା ସ୍ୱତନ୍ତ୍ର ଅବବୋଧ ବି ରହିଛି । ସେ ଜାଣନ୍ତି କବିତା ଏକ ନିର୍ମାଣ ଓ ଅନୁଭୂତୀକରଣ ପ୍ରକ୍ରିୟା । ଏହାର ଜନ୍ମ-ସଂଚାର-ସ୍ଥାୟିତ୍ୱ ହେଉଛି କବି-ପାଠ-ପାଠକର ସ୍ଥିତି ସହିତ ସହବନ୍ଧିତ । କବି ପାଇଁ ଏହା ହେଉଛି କ୍ରିୟାକୁ ପ୍ରତିକ୍ରିୟାଶୀଳ କରାଇବାର ବ୍ୟାପାର । ପାଠକପାଇଁ ଏହା ଗ୍ରହଣ-ବୋଧନ-ଚିନ୍ତନର ଏକ ମାନସିକ ବ୍ୟାପାର । ସ୍ୱୟଂ କବିତାର ଏକ ସ୍ୱତନ୍ତ୍ର ଓ ମୁକ୍ତ ଚେତନସ୍ତରୀୟ ଅବସ୍ଥା ଥାଏ । ଏ ଅବସ୍ଥାଟି ଶବ୍ଦର ଛାୟା ଚାତୁରୀ ଭିତରେ ସ୍ପଷ୍ଟାସ୍ପଷ୍ଟ ଅସ୍ତିତ୍ୱ ନେଇ ରହିଥାଏ । ଏ ଅସ୍ତିତ୍ୱ ଭିତରେ ପ୍ରକୃତି ଜଗତ-ଜୀବନ-ସମୟ-ଐତିହ୍ୟ-ବିଶ୍ୱ-ବ୍ୟକ୍ତି-ଅଦୃଶ୍ୟ-ଆନନ୍ଦ-ବିଷାଦକୁ ଘୋନି କବି ସାଧାରଣ ମଣିଷ ଭାବରେ ଭୋଗିଥିବା କ୍ରିୟାତ୍ମକ ଉପଲବ୍ଧିଗୁଡ଼ିକ ସ୍ଥାୟୀ ଭାବରସ ରୂପରେ ରହିଥାଏ । କବିତା ଭିତରେ କବିର ପ୍ରତିକ୍ରିୟାଚ୍ଛନ୍ନ ବ୍ୟକ୍ତିତ୍ୱର ଅବଚେତନ ଆତ୍ମା ରୂପରେ ଅଦୃଶ୍ୟବତ୍ ରହିଥାଏ । ସେ ପ୍ରତିକ୍ରିୟା ପାଖରେ ବାସ୍ତବତା ଓ କଳ୍ପନା ଉଭୟ ସମାନ । ବରଂ କଳ୍ପନା ଆଧିପକ୍ଷର ହୋଇଗଲେ କବିତା କବିର ଉପଲବ୍ଧିକୁ ସାର୍ବିକ ଅନୁଭବରେ ରୂପାନ୍ତରିତ କରିଦିଏ । ସୁତରାଂ କବିତା କଳାବନ୍ଧକୁ ଆଧାର କରିଥିବା ଓ ବାସ୍ତବତାକୁ ଉଦ୍ଭମ୍ବଳ କରିଥିବା ଏକ ଚେତନାକୈନ୍ଦ୍ରିକ ରୂପକଳ୍ପନା । କବିତାରେ ଥିବା ଜଗତ ଜୀବନ ସଂପର୍କିତ ଉପଲବ୍ଧିର ବଳଶାଳୀ ସ୍ଥାୟୀଭାବ (ଡୋମିନାଣ୍ଟ ଫିଲିଂ) କବିର ସଚେତନା ପ୍ରଯତ୍ନଶୀଳତାର ଶାବ୍ଦିକ ନିର୍ମାଣ ପଦ୍ଧତି ଆନନ୍ଦ-ଅନାନନ୍ଦ, ସୁନ୍ଦର-ଅସୁନ୍ଦର, ଯୌନାବେଗ-ବୈରାଗ୍ୟ, ବିଚାର, ଛାନ୍ଦାୟନୀ ମାଧୁର୍ଯ୍ୟ, ଛନ୍ଦହୀନ ସ୍ୱଚ୍ଛନ୍ଦତା, ରୂପାନ୍ୱେଷୀ-ଆବେଗ ନୈତିକ ଭାବାନ୍ତର ଇତ୍ୟାଦି ଯାବତୀୟ ବିରୋଧଭାସୀ ଅନୁଭୂତି ତର୍କଣା ସାଦୃଶ୍ୟ ଚିତ୍ରମୀମାଂସା ତୁଳନା ଦେଇ ପାଠକର ମାନସିକ ବିଶ୍ୱାସ ସହିତ ଥରେ ସଂଯୁକ୍ତ ହୋଇଗଲେ କବିର କବିତା ପାଠକପାଇଁ ନବନ୍ୟାୟିକ ରୂପକଳ୍ପନାର ଅସ୍ତିତ୍ୱ ଧରେ ତେଣୁ ତାଙ୍କର ପ୍ରତିଟି କବିତାକୁ ଆଭିଧାନିକ ସହାୟକୀ ଭାବାର୍ଥକରଣରେ ଦେଖି ବୁଝି ଘେନି ବସିଲେ ସେଥିରେ ଥିବା ଭୂଗୋଳୋତ୍ତରୀୟ ସଂଭାବନା, ସ୍ଥାନୀୟଧାରଣାଠୁ ବିସ୍ତରି ଯାଇଥିବା ବ୍ୟାପକ ନାନ୍ଦନିକ ଭାବନାର ଆଲୋକୋପମ ଆବେଦନକୁ କଳି ହେବନାହିଁ । ନିଠେଇ କରି ଦେଖିଲେ ଏବଂ ପ୍ରଜ୍ଞାଶୀଳ ବିଚାରବତ୍ତାରେ ଆନ୍ତଃଶାସ୍ତ୍ରୀୟ ଓ ବହୁଶାସ୍ତ୍ରଦର୍ଶୀ ପାଠକୀୟତାକୁ ଖଟେଇ ତାଙ୍କ କବିତାସଂସାରକୁ ଭିତିରେଇ ଆକଳି ବସିଲେ ଦେଖିବା:

– ବାସ୍ତବ ଜୀବନବୋଧ ତହିଁରେ ଚିତ୍ରମୀମାଂସୀ କଳ୍ପନାର ପୋଷାକ ପିନ୍ଧି ମାୟସ୍ୱରୂପରେ ରହିଛି ।

– ତହିଁରେ କାଳିଦାସ, ଶ୍ରୀହର୍ଷ, ବ୍ୟାସ, ବାଲ୍ମୀକି, ଉପନିଷଦ, ବେଦ, ଭାଗବତ, ରାମାୟଣ, ମହାଭାରତ, ଇଲିୟାଡ଼, ଓଡ଼େଶୀ, ସେକ୍ସପିୟର, ବ୍ଲେକ୍, ରବୀନ୍ଦ୍ରନାଥ, କୀଟସ୍, ସୁଇସ୍‌ବର୍ଣ୍ଣ, ଶେଲୀ ଓ ବାଇରନ୍‌ଙ୍କ ସହିତ ସାରଳା, ଜଗନ୍ନାଥ, ଉପେନ୍ଦ୍ର, ରାଧାନାଥ ଓ ସବୁଜପନ୍ଥୀ କବିସତ୍ତା ସୂକ୍ଷ୍ମରେ ରହିଛନ୍ତି ।

– ରୋମାଣ୍ଟିକ୍ ନାନ୍ଦନିକ କାବ୍ୟାନୁଭୂତିକୁ କେନ୍ଦ୍ରରେ ରଖି ତହିଁରେ ବାସ୍ତବବାଦ, ନୈତିକତା, ମାନବତାବେଧ, ମାର୍କ୍ସୀୟ ବିରୋଧଭାବ, ସମତାବୋଧ, ରହସ୍ୟବାଦ, ସାମାଜିକ ଭାବାନ୍ତର, ସମୟପ୍ରତି ପ୍ରତିବାଦ, ବ୍ୟବସ୍ଥା ପ୍ରତି ବିନମ୍ର ପ୍ରତିକ୍ରିୟା, ଜୀବନ ପ୍ରତି ଉଦାର ସମ୍ବେଦନା ଓସମ୍ମୋହନ, ସୁଦୂର ପ୍ରତି ଆକର୍ଷଣ, ନିକଟ ପ୍ରତି ଅଳୀକତାତ୍ତ୍ୱିକ ଆସକ୍ତି, ସାଧାରଣ ପ୍ରତି ସମ୍ମାନ, ଅସାଧାରଣ ପ୍ରତି ଉଦାର ଆକର୍ଷଣ ଏବଂ ମାନସିକ ଇଚ୍ଛାଶକ୍ତି (ଉଭୟ ସକାରାତ୍ମକ ନକରାତ୍ମକ ଜୈବିକ ଭାବାବେଗ) ପ୍ରତି ସହଜାତ ଓ ଅହେତୁକ ଆତ୍ମିକତା ମଧୁକୋଷ କୀର୍ତ୍ତିଘେନା ଗୁଣରେ ଜଡ଼ିହୋଇ ରହିଛି ।

– ସେଠି ରୂପକଳ୍ପ, ଚିତ୍ରକଳ୍ପ, ପ୍ରତୀକ, ମିଥ୍, ଲୋକଉପାଦାନ, ବିରୋଧାଭାସ, ଭାବଉଦ୍ରେକକର ବୌଦ୍ଧିକ ବାଣୀଭଙ୍ଗୀ, ବାକ୍‌ଛନ୍ଦ, ଗଦ୍ୟଛନ୍ଦ, ମାତ୍ରିକ ଶବ୍ଦସ୍ପନ୍ଦ, ଅନ୍ତଃସ୍ୱର ସଂଜାତୀ ଛାନ୍ଦସିକତାକୁ ମିଶାଇ – କୋମଳ ଇଙ୍ଗିତରେ ପାଠକକୁ ଆକର୍ଷି ନେବାର ଏକ ରୂପକଳ୍ପନା ରହିଛି । – ସେଠି ପାପପୁଣ୍ୟ, ପ୍ରକୃତିପୁରୁଷ, ଈଶ୍ୱର-ମଣିଷ, ନୀତି – ଅନୀତି, ପ୍ରାପ୍ତି-ଅପ୍ରାପ୍ତି, ଦୂର-ନିକଟ, ଭୂଗୋଳ-ଭୂଗୋଳୋତ୍ତର ସୁଦୂରତା ସବୁଗୁଡ଼ିକ ସମଢଙ୍ଗରେ ଏକାଠି ମେଳିବାନ୍ଧି ସୌନ୍ଦର୍ଯ୍ୟ ସମ୍ପାଦନ କରୁଛନ୍ତି ।

– ସେଠି ଫାଣ୍ଟାସି ଅଛି, ଅଛି ଫାଣ୍ଟାଷ୍ଟିକ୍ ଶାବ୍ଦିକ ମାଲ୍ୟାକାରବୃତ୍ତି ଏବଂ ବେପରୁଆ ମାନସିକତାର ଜୀବନ ଚର୍ଯ୍ୟାର ଦୃଷ୍ଟାନ୍ତୀ କରଣ ଉପାଦାନ ।

– ସେଠି ଅନୁରାଗ ପ୍ରବଣ ରୂପପ୍ରାଣତାର ଦୃଷ୍ଟିକୁ ପାଥେୟ କରି ବିପ୍ଳବବୋଧର ଭାବାନ୍ତର ରହିଛି । ଅସ୍ତିତ୍ୱବାଦୀ ଆତ୍ମ ପ୍ରତ୍ୟୟ ରହିଛି, ଅତୀନ୍ଦ୍ରିୟ ଆହ୍ୱାନକୁ ଘେନିବାର ଉସାହ ରହିଛି ଏବଂ ରହିଛି ପଲ୍ଲୀର ଐଶୀବିକଳ୍ପୀ ଜୀବନଧାରା, ବାସ୍ତବ ନରନାରାୟଣ ପ୍ରତି ଅନୁକମ୍ପା, ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ନେତିବାଚକ ତର୍କଣା ଓ ପରାଜୟକୁ ବିଜୟ ଉତ୍ସାହରେ ରୂପାନ୍ତରିତ କରିବାର ଆସ୍ପର୍ଦ୍ଧା ପ୍ରବୋଧିତ ଦର୍ଶନ ।

ଆଦିମତାର ଯାବତୀୟ ଭାବୋତ୍ସ ଭିତରେ ମହାଜୀବନ ବିତାଣର ରସଘନ ଉନ୍ମାଦନା ସଂଚିତ ହୋଇରହିଛି – ଏକଥାକୁ କାବ୍ୟିକ ରମଣୀୟତାରେ ସୂଚେଇ, ଚିହ୍ନେଇ, ଜଣେଇ ଓ ଲୋଡ଼େଇ ଦେବାବେଳେ ବିନୋଦ ଦେଶୀ ବିଦେଶୀ ଐତିହ୍ୟ- ଅଣଐତିହ୍ୟ, ସ୍ଥାନୀୟତା-ସୁଦୂରତା; ଏସବୁକୁ ବାଧକ ଶକ୍ତି ଭାବରେ ସର୍ଜନଶୀଳତାରେ ମାନି ନଥିବାରୁ ବିପକ୍ଷପନ୍ଥୀମାନେ ତାଙ୍କୁ ଯେତେ ଐତିହ୍ୟବିଚ୍ୟୁତ ଯୌନାବେଗୀ, ମାଟି ବିଚ୍ୟୁତ ବୈଦେଶିକୀ, ଭାବସଂହତିଚ୍ୟୁତ ଅକର୍ମସାଧନା ଓ ଅବାଧ୍ୟ କାବ୍ୟ ବିଶୃଙ୍ଖଳା ସଂଜାତୀ ବିଶେଷତାରେ କକ୍ଷଚ୍ୟୁତ ସମାଲୋଚନା କରିଥିଲେ ବି ୧୯୨୮ରୁ